**ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ଦେଉଳସାହି ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ଗୁରୁବାର ମଧ୍ୟାହ୍ନରେ ଜଣେ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତା ମହିଳା ରାସ୍ତାରେ ଚାଲିଚାଲି ଆସୁଥିବା ବେଳେ ଦୁର୍ବୃତ୍ତ ଜଣକ ଏକ ବାଇକ୍‌ରେ ଆସି ହଠାତ୍ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ମହିଷାପାଟ ଆଡକୁ ଦ୍ରୁତ ଗତିରେ ପଳାଇଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# କଳାକୃତି ଗ୍ରାମରୁ ମୁହଁ ମୋଡୁଛନ୍ତି ପର୍ଯ୍ୟଟକ

■୨ ବୋଟ୍ ଅଚଳ, ପ୍ରଶିକ୍ଷଣ ପାଇଁ ଆସିଲାନି ଘୋଡ଼ା

■କଥାରେ ଅଟକିଗଲା ପ୍ରଶାସନର ପ୍ରତିଶ୍ରୁତି



କଳାକୃତୀ ଗ୍ରାମ।


ଅଚଳ ବୋଟ୍।

ଢେଙ୍କାନାଳ,୧।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକରେ ଥିବା ସବୁଜିମାଭରା ସପ୍ତଶଯ୍ୟା ରାଜ୍ୟ ଏବଂ ଜିଲାର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ। ସପ୍ତଶଯ୍ୟା ପଞ୍ଚାୟତରେ ଏହି ପର୍ଯ୍ୟଟନସ୍ଥଳୀ ଥିବାବେଳେ ନିକଟ ନବଜୀବନପୁର ସଦେଇବେରେଣୀ ଗ୍ରାମ ପ୍ରସିଦ୍ଧ ଡୋକ୍ରା କାଷ୍ଟିଂ ହସ୍ତଶିଳ୍ପ ଗ୍ରାମ ଭାବେ ପରିଚୟ ହାସଲ କରିଛି। ସପ୍ତଶଯ୍ୟାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହି ଗ୍ରାମ ପ୍ରତି ଆକର୍ଷିତ କରି ସ୍ଥାନୀୟ କଳାକୌଶଳର ପ୍ରଚାରପ୍ରସାର କରିବା ଏବଂ କାରିଗରମାନଙ୍କ ସମୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ କଳାକୃତି ଗ୍ରାମ ନିର୍ମାଣ ସହ ଅନେକ ବ୍ୟବସ୍ଥା କରାଯାଇଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ଥିବା ୨ଟି ବୋଟ ଅଚଳ ହୋଇପଡ଼ିଥିବା ବେଳେ ପ୍ରଶିକ୍ଷଣ ପାଇଁ ୨ଟି ଘୋଡ଼ା ଅଣାଯାଇପାରି ନାହିଁ। ଫଳରେ ଚଳିତ ପର୍ଯ୍ୟଟନ ଋତୁରେ ଏହି କଳାକୃତି ଗ୍ରାମରୁ ପର୍ଯ୍ୟଟକମାନେ ମୁହଁ ମୋଡୁଥିବା ଦେଖାଯାଉଛି।

ପ୍ରକାଶ ଯେ, ସ୍ଥାନୀୟ ଡୋକ୍ରା କାରିଗରମାନଙ୍କୁ ପ୍ରୋତ୍ସାହନ ଓ ସେମାନଙ୍କ ଦ୍ୱାରା ହସ୍ତଶିଳ୍ପର ଚାହିଦା ବୃଦ୍ଧି ପାଇଁ ନବଜୀବନପୁର ସଦେଇବେରେଣୀ ଗ୍ରାମରେ ୫ କୋଟି ଟଙ୍କା ବ୍ୟୟରେ କଳାକୃତି ଗ୍ରାମ ନିର୍ମାଣ କରାଯିବା ସହ ୨୪ ଫେବୃୟାରୀ ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଏହାପରେ ତତ୍କାଳୀନ ଜିଲାପାଳ ସରୋଜ କୁମାର ସେଠୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ କଳାକୃତି ଗ୍ରାମ ପରିସରରେ ୨୮ ଜୁନ ୨୦୨୩ରେ ଏକ ୱାଟର ଟ୍ୟାଙ୍କ କରି ସେଥିରେ ବୋଟିଂ ବ୍ୟବସ୍ଥା କରିଥିଲେ। ୪ଟି ବୋଟ୍ ମଧ୍ୟ ଅଣାଯାଇଥିଲା। ଏଥିସହ ଏନ୍‌ସିସି ଛାତ୍ରୀଛାତ୍ର ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣ ସୃଷ୍ଟି କରିବାକୁ ୨ଟି ଘୋଡ଼ା ଆଣି ପ୍ରଶିକ୍ଷଣ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଢେଙ୍କାନାଳ ସପ୍ତଶଯ୍ୟା ପୂର୍ତ୍ତ ବିଭାଗ ରାସ୍ତାର ସଦେଇବେରେଣୀ ଠାରୁ କଳାକୃତି ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏ ସମସ୍ତ ପ୍ରତିଶ୍ରୁତି କେବଳ କାଗଜକଲମରେ ଅଟକି ରହିଛି। ବୋଟିଂ ପାଇଁ ଥିବା ୪ଟି ବୋଟରୁ ୨ଟି ଅଚଳ ହୋଇ ପଡିଥିବା ବେଳେ ବୋଟିଂ ପାଇଁ କୌଣସି ସୁରକ୍ଷା କର୍ମଚାରୀ ମଧ୍ୟ ନିୟୋଜିତ ହୋଇନାହାନ୍ତି। ସେହିପରି ୨ଟି ଘୋଡ଼ା ଆଜି ପର୍ଯ୍ୟନ୍ତ ଅଣାଯାଇପାରି ନାହିଁ। ତତ୍କାଳୀନ ଜିଲାପାଳଙ୍କ ସମୟରେ କଳାକୃତି ଗ୍ରାମ ପରିସରରେ ଥିବା ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷରେ ଅଧିକାଂଶ ସମୟରେ ବିଭିନ୍ନ ବିଭାଗର ବୈଠକ କରାଯାଉଥିଲା। ଫଳରେ ଉକ୍ତ ସମ୍ମିଳନୀ କକ୍ଷ ଭଡ଼ା ବାବଦକୁ ନିର୍ଦ୍ଧାରିତ ହୋଇଥିବା ଅର୍ଥ କଳାକୃତି ଗ୍ରାମକୁ ମିଳୁଥିଲା। କିନ୍ତୁ ବର୍ତ୍ତମାନ କୌଣସି ପ୍ରକାର ସରକାରୀ କାର୍ଯ୍ୟକ୍ରମ ସେଠାରେ ହେଉ ନ ଥିବା ଦେଖାଯାଇଛି। ଗତ ଅକ୍ଟୋବରରୁ ଜାନୁଆରୀ ମଧ୍ୟରେ ଚଳିତବର୍ଷ ସପ୍ତଶଯ୍ୟାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ ମଧ୍ୟ କଳାକୃତି ଗ୍ରାମରେ ପୂର୍ବପରି ଅଧିକ ପର୍ଯ୍ୟଟକଙ୍କ ପାଦ ପଡି ନ ଥିବା ଦେଖାଯାଇଛି। ଏଥିଯୋଗୁ ପର୍ଯ୍ୟଟନ ପାଇଁ ଉଦ୍ଦିଷ୍ଟ ଏହି କଳାକୃତି ଗ୍ରାମ ପର୍ଯ୍ୟଟନ ଋତୁରେ ମଧ୍ୟ ଖାଁ ଖାଁ ହୋଇ ରହିଛି। ଜିଲା ପ୍ରଶାସନ ମଧ୍ୟ ଏ ଦିଗରେ ଆନ୍ତରିକତା ଦେଖାଉ ନାହିଁ। ଫଳରେ କଳାକୃତି ଗ୍ରାମ ଏହାର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଠାରୁ ଦୂରରେ ରହିଯାଉଥିବା ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଗତ ୨୫ ତାରିଖ ସନ୍ଧ୍ୟାରେ ସଦର ବ୍ଲକ ପରିସରରେ ବିଡିଓ ଆୟୁଷୀ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ, ପର୍ଯ୍ୟଟକମାନେ ମୁହଁମୋଡ଼ିଲେ ମଧ ବର୍ତ୍ତମାନ କିଛି କରିହେବନି। ନିର୍ବାଚନ କାର୍ଯ୍ୟ ପାଇଁ ସମସ୍ତେ ବ୍ୟସ୍ତ କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# କମଳେଶ୍ୱରଙ୍କ ପୀଠରେ ମାଘ ସପ୍ତମୀ ମେଳା

ଓଡ଼ାପଡ଼ା, ୧।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମରେ ଥିବା କମଳେଶ୍ୱର ବାବାଙ୍କ ପୀଠରେ ମାଘ ସପ୍ତମୀ ମେଳା ଆରମ୍ଭ ହୋଇଛି। ଏହି ମେଳା ପ୍ରତ୍ୟେକ ବର୍ଷ ମାଘ ମାସ କୃଷ୍ଣ ପକ୍ଷ ସପ୍ତମୀ ତିଥିରେ ଅନୁଷ୍ଠିତ ହୋଇଥାଏ। ଗ୍ରାମରୁ ଆରାଧ୍ୟ ଦେବୀ ମା' ଦୁର୍ଗାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ପବିତ୍ର ବ୍ରାହ୍ମଣୀ ନଦୀରୁ କଳସରେ ପାଣି ଅଣାଯାଇ କମଳେଶ୍ୱରଙ୍କ ପୂଜା କରାଯାଏ। ଏକ ବିରାଟ ଶୋଭା ଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ରଭୁଙ୍କ ବିଜେ ସ୍ଥଳୀକୁ ନିଆଯାଏ। ପ୍ରାୟ ୧୦୦ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ମେଳାରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବହୁ ଉଠା ଦୋକାନ ପଡ଼ିଛି। ଜିଲା ବାହାରୁ ଆସିଥିବା ଶତାଧିକ ବ୍ୟବସାୟୀ ସେମାନଙ୍କ ପସରା ମେଲାଇଛନ୍ତି। ଏପରି କି ଛତିଶଗଡ଼ରୁ ମଧ୍ୟ ବ୍ୟବସାୟୀମାନେ ଆସିଥିବା ଜଣାପଡ଼ିଛି। ବିଶେଷକରି ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ, ମନୋହରୀ, କଂସା ବାସନ, ଘରକରଣା ଉପକରଣ ଆଦିର ଷ୍ଟଲ ଖୋଲିଛି। ମେଳାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଗ୍ରାମ କମିଟି ଓ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶୃଙ୍ଖଳାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଏହି ଯାତ୍ରା ୪ ଦିନ ଧରି ଚାଲିବ ବୋଲି ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ସୂଚନା ଦେଇଛନ୍ତି।



# ଅବସର ସମ୍ବର୍ଦ୍ଧନା, ପୂର୍ଣ୍ଣ ପେନ୍‌ସନ୍ ପ୍ରଦାନ


ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଓ ପୂର୍ଣ୍ଣ ପେନ୍‌ସନ୍ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୧।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବୋରାପଦା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର, ମୁକ୍ତାଦେଇପୁର ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ମିଶ୍ର ଓ କୃଷ୍ଣକୁମାରପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନାରାୟଣ ଦେହୁରୀ ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବିଇଓ ବ୍ରହ୍ମାନନ୍ଦ ରାଉତ ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଫାଇନାଲ୍ ପେନସନ୍ କାଗଜ ପ୍ରଦାନ କରିଥିଲେ। ଏହାସହିତ ସେମାନଙ୍କ ନିରାମୟ ସୁସ୍ଥ ଅବସର ଜୀବନ କାମନା କରିଥିଲେ। ସଦର ବ୍ଲକ ଓ ଜିଲା ଶିକ୍ଷା ବିଭାଗରେ ଏହା ପ୍ରଥମ ଘଟଣା। ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏହି ବ୍ୟବସ୍ଥାକୁ ପ୍ରଶଂସା କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟ ସେକସନ୍ ଅଫିସର ବବିତା ଦାସ, ଶିକ୍ଷକ ଅସିତ ମିଶ୍ର, ପ୍ରଶାନ୍ତ ପଣ୍ଡା, କାଳନ୍ଦୀ ଦେବତା, ସନ୍ତୋଷ ପଟ୍ଟନାୟକ ଓ ବିଷ୍ଣୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

ଭୁବନ,୧।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ବାଉଁଶକଣ ଗ୍ରାମର ସଞ୍ଜୟ ପାଣିଗ୍ରାହୀ (୫୪)ଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସଞ୍ଜୟ ସକାଳୁ ସାଇକେଲ ଯୋଗେ ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଏକ ପ୍ଲାଣ୍ଟକୁ ଯାଉଥିବା ବେଳେ ଜାତୀୟ ରାଜପଥ ୫୩ର ସୁକିନ୍ଦା ଥାନା ଓ ଢେଙ୍କାନାଳ ଜିଲା ସୀମାନ୍ତ ପୁବଳ ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟଲୋକେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଭୁବନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କଠିନ ପରିଶ୍ରମ କରି ସଫଳତା ହାସଲ କର



କପିଳାସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ।

ଢେଙ୍କାନାଳ,୧।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ କପିଳାସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ନିଶାମଣି ଦେଈଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କଲ୍ୟାଣ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ଯୋଗଦେଇ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ ଯୋଗଦେଇ କଠୋର ପରିଶ୍ରମ କରି ସଫଳତା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିଜୟ କୁମାର ଦେହୁରୀ, ଗଁନ୍ଦିଆ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମାନସ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ହୋତା ମଞ୍ଚ ପରିଚାଳନା ଓ ମନସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ। ଦୁର୍ଗେଶ ନନ୍ଦିନୀ ନନ୍ଦ, ପୁଷ୍ପଲତା କଅଁର, ନନ୍ଦିନୀ ରାଉଳ, ଶିବାନୀ ମିଶ୍ର, ଦୀପ୍ତିମୟୀ ପ୍ରଧାନ, ପଦ୍ମିନୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କାମାକ୍ଷାନଗର,୧।୨(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ପିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହାବିରୋଡରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାମନାଥ ପଣ୍ଡା ସଭାପତିତ୍ୱ କରି ଆତ୍ମରକ୍ଷା କୌଶଳ ସମ୍ପର୍କରେ ଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରବିନାରାୟଣ ସାହୁ ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ମୋନାଲିସା ସାହୁ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପକ ନରସିଂହ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଶ୍ୱିନୀ ମହାପାତ୍ର, ଅଧ୍ୟାପିକା ଭାଗ୍ୟ ଲକ୍ଷ୍ମୀ ବାରିକ, ଅଭୟ ସାହୁ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଭାବେ ଲକି ବିଶ୍ୱାଳ ଓ ରଶ୍ମିତା ସାମଲ ୧୮୧ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



# ବାଲିଘାଟକୁ ବିରୋଧକଲେ ଗ୍ରାମବାସୀ


ବ୍ରାହ୍ମଣୀ ନଦୀରେ କରାଯାଇଥିବା ବାଲିଘାଟକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ଭୁବନ,୧।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ତହସିଲ ଅନ୍ତର୍ଗତ ଓଡ଼ଣା ଗ୍ରାମର ଲୋକମାନେ ବାଲିଘାଟକୁ ଗୁରୁବାର ବିରୋଧ କରିଛନ୍ତି। ଏହି ଗ୍ରାମଟି ବନ୍ୟା ପ୍ରଭାବିତ ଅଞ୍ଚଳ। ବ୍ରାହ୍ମଣୀ ନଦୀରେ ସାମାନ୍ୟ ବନ୍ୟାଜଳ ଆସିଲେ ଏହି ଗ୍ରାମବାସୀ ପ୍ରଭାବିତ ହୋଇଥାନ୍ତି। ଗ୍ରାମର ସୁରକ୍ଷା ପାଇଁ ନଦୀ ପାର୍ଶ୍ୱରେ ସରକାରଙ୍କ ପକ୍ଷରୁ ବନ୍ଧ ନିର୍ମାଣ କରାଯାଇଛି। ପଥର ଦ୍ୱାରା ଜାଫେରୀ କରାଯାଇଛି। କିଛି ବାଲି ବ୍ୟବସାୟୀ ବୁଧବାର ବିଳମ୍ବିତ ରାତିରେ ବାଲିଘାଟର ଜାଫେରୀ ନିକଟରୁ ବାଲି ତାଡି ନେଇଯାଉଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏଥିଯୋଗୁ ଆଗାମୀ ଦିନରେ ଜାଫେରୀ ଭୁଶୁଡିବାର ସମ୍ଭାବନା ଥିବାରୁ ଅଞ୍ଚଳବାସୀଙ୍କ ମନରେ ଭୟ ସଞ୍ଚାର ହୋଇଛି। ଏ ନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କୋଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିବା ସହ ପ୍ରତିବାଦରେ ବାଲିଘାଟକୁ ବିରୋଧ କରିଥିଲେ। ବାଲିଘାଟ ବନ୍ଦ କରିବାକୁ ପ୍ରଶାସନ ନିକଟରେ ନିବେଦନ କରିଥିଲେ। ଏ ନେଇ ଅତିରିକ୍ତ ତହସିଲଦାର ରାଜୀବ ଲୋଚନ ବେହେରା କହିଛନ୍ତି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଗ୍ରାମର ବିଷ୍ଣୁ ହାତୀ, ବିଶ୍ୱଜିତ ନାୟକ ଓ ଅଶାନ୍ତି ରାଉତଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



ଅନୁଗୋଳ,୧।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ନୂତନ ଜିଲାପାଳ ଭାବେ ଗୁରୁବାର ପୂର୍ବାହ୍ନରେ ଦାୟିତ୍ୱ ନେଇଛନ୍ତି ମହମ୍ମଦ ଅବଦଲ ଅଖତାର। ଜିଲାରେ ସରକାରୀ ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବା ସହ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯିବ ବୋଲି ଦାୟିତ୍ୱ ନେବା ଅବସରରେ କହିଛନ୍ତି ଜିଲାପାଳ ଅଖତାର। ଜିଲାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ସେ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଜିଲାପାଳଙ୍କ ଯୋଗଦାନ ପରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ବ୍ୟକ୍ତି ବିଶେଷ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

# ସ୍କୁଲ, ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର





କାମାକ୍ଷାନଗର,୧।୨(ଅମ୍‌ଜାଦ୍ ଖାନ୍)/ ପରଜଙ୍ଗ,(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପକଣ୍ଠ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ରାଜ୍ୟରେ ଚତୁର୍ଥ ସ୍ଥାନରେ ରହି ମାଧ୍ୟମିକ ଶିକ୍ଷା ପୁରସ୍କାର ସହ ପୁରାତନ ଛାତ୍ର କମିଟି ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ପୁରାସ୍କାର ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ପୁରସ୍କାର ବର୍ଗରେ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ଚତୁର୍ଥ ସ୍ଥାନ ପାଇଁ ଶ୍ରୀରାମ ରାଉତ, ପ୍ରଥମ ଭାଷା ଓଡ଼ିଆ ପାଇଁ ଶିକ୍ଷୟିତ୍ରୀ କବିତା ରାଉତ ଓ ସାମାଜିକ ବିଜ୍ଞାନ ପାଇଁ ଶିକ୍ଷକ ସୁରେଶ କୁମାର ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୂର୍ବତନ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ନାୟକ, ଛାତ୍ର ପ୍ରେମଜିତ୍ ରାଉତ, ଛାତ୍ର ରମ୍ୟରଞ୍ଜନ ବେହେରା, ଛାତ୍ରୀ ଅନସୂୟା ସାହୁ ଓ ଛାତ୍ର ସୂର୍ଯ୍ୟନାରାୟଣ ସେଠୀ ମୁଖ୍ୟମନ୍ତ୍ରୀ ଶିକ୍ଷା ମେଧା ବୃତ୍ତି ପୁରସ୍କାର ପାଇଛନ୍ତି। ସେହିପରି ଓଡ଼ିଆ ଭାଷା ବୃତ୍ତି ପାଇଁ ବର୍ଷା ପ୍ରିୟଦର୍ଶିନୀ ନାୟକ, ପ୍ରୀତିନନ୍ଦା ବାରିକ, ସତୀଶ କୁମାର ସେଠୀ ଓ ସୂର୍ଯ୍ୟନାରାୟଣ ସେଠୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ବାନାର୍ଜୀ ମହାନ୍ତି, ବିଭିନ୍ନ ବର୍ଗରୁ ଜିତେନ୍ଦ୍ର କୁମାର ବିଶ୍ୱାଳ, ସାରଙ୍ଗଧର ରାଉତ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ନିହାରକାନ୍ତ ରାଉତ, ସୁଧୀର ରାଉତ, ଶଶୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରଜଙ୍ଗ ବ୍ଲକର ୩ଟି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ରେଣ୍ଟାପାଟ ପଞ୍ଚାୟତ ପାଣି ଗେଙ୍ଗୁଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ପଣ୍ଡା, ମୁଣ୍ଡେଇଲୋ ପଞ୍ଚାୟତ ନାଉପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ପଣ୍ଡା, ଆମ୍ବପଳାସ ପଞ୍ଚାୟତ ମୁଣ୍ଡିଆରଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆତ୍ମଜ ମଲିକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ହାସଲ ପରେ ୩ ଗୋଟି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଅଭିଭାବକମାନେ ଧନ୍ୟବାଦ ଜଣାଇଛନ୍ତି।

# ଧର୍ମପରାୟଣ ମହିଳାଙ୍କ ପରଲୋକ

କାମାକ୍ଷାନଗର,୧।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସୈନିକ ସଂଘ ସମ୍ପାଦକ ରବି ନାରାୟଣ ସାହୁଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ବୁଧବାର କାମାକ୍ଷାନଗର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ଝିଅ, ବୋହୂ, ଜ୍ୱାଇଁ ନାତି ନାତୁଣୀଙ୍କ ସମେତ ବନ୍ଧୁ ବାନ୍ଧବ ତଥା ଅବସରପ୍ରାପ୍ତ ସୈନିକ ସଂଘର ସଦସ୍ୟ, ଆଇନଜୀବୀ ଓ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଲକ୍ଷ୍ମୀପ୍ରିୟା ଜଣେ ଧର୍ମପରାୟଣ ମହିଳା ଥିଲେ। ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ସେ ସମ୍ପୃକ୍ତ ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ମନ ଛୁଇଁଲା ନୃତ୍ୟନାଟିକା ସମର ତରଙ୍ଗ


କାମାକ୍ଷାନଗର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର, ୧।୨(ସୁଧୀର ପରିଡ଼ା)

**କାମାକ୍ଷାନଗର ମହୋତ୍ସବ ଉଦ୍‌ଯାପିତ**

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ଚାଲିଥିବା ୨ୟ କାମାକ୍ଷାନଗର ମହୋତ୍ସବର ଗୁରୁବାର ଥିଲା ଶେଷ ସନ୍ଧ୍ୟା। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କହିଲେ, ପୂର୍ବ ବର୍ଷ ତୁଳନାରେ ମହୋତ୍ସବର କଳେବର ବୃଦ୍ଧି ହୋଇଛି। ଆଗାମୀ ଦିନରେ ଏହି ମହୋତ୍ସବ ଏକ ଆନ୍ତର୍ଜାତୀୟସ୍ତରୀୟ ହେଉ ବୋଲି ମତପ୍ରକାଶ କରିଥିଲେ। ଅତିଥି ଭାବେ ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲିକ ଯୋଗଦେଇ କହିଲେ, କାମାକ୍ଷାନଗର ମାଟି ନିଆରା। ଏହି ମାଟିରେ ଭାରତର ସର୍ବ କନିଷ୍ଠ ଶହୀଦ ବାଜି ରାଉତ ଜନ୍ମ ହୋଇଛନ୍ତି। ଏହି ମହୋତ୍ସବ ମଞ୍ଚ ତାଙ୍କର ନାମରେ ନାମିତ। ଏହି ମଞ୍ଚରେ ଅତିଥି ହୋଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଶେଷରେ ବିଡିଓ ଅବିନାଶ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ। ମହୋତ୍ସବର ଶେଷ ସନ୍ଧ୍ୟାରେ ନୃତ୍ୟ ନାଟିକା ସମର ତରଙ୍ଗ ଓ ପପୁ ପମ୍‌ପମ୍‌ଙ୍କ କମେଡି, ଗୋଟି ପୁଅ ନୃତ୍ୟ, ସ୍ଥାନୀୟ କଳାକାରଙ୍କ ନୃତ୍ୟରେ ଦର୍ଶକ ମତୁଆଲା ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର ତୃପ୍ତିମୟୀ ପ୍ରଧାନ, ଅତିରିକ୍ତ ଜିଲାପାଳ ମଦନ ମୋହନ ଜେନା, ଦୀପକ ମିଶ୍ର, ଅର୍ଚ୍ଚନା ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

**ଫେରାର ଅଭିଯୁକ୍ତ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ହିଞ୍ଜାଗୁଲା ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ବସନ୍ତ ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୧୯ରୁ ଭରଣ ପୋଷଣ ପାଇଁ ଏକ ମାମଲା ଥିବାବେଳେ ସେ ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ତାଙ୍କୁ ଗୁରୁବାର ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି।

# ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ବଇଣ୍ଡା, ୧୨ (ପରିକ୍ଷିତ ସାହୁ)**




- ଠେଲକନାଳୀ ସରକାରୀ ସ୍କୁଲରେ ଅବ୍ୟବସ୍ଥା
- ଖାଲି ପଦବୀ ପୂରଣ ପାଇଁ ବିଇଓଙ୍କୁ ଦାବିପତ୍ର
- ପଦକ୍ଷେପ ନିଆ ନ ଗଲେ ପକାଯିବ ତାଲା

୫ଟି ଶ୍ରେଣୀର ପିଲାଙ୍କୁ ପଢ଼ାଇବା ପାଇଁ ଅଛନ୍ତି ଜଣେ ମାତ୍ର ଶିକ୍ଷକ। ଦୀର୍ଘଦିନ ହେଲା ଏପରି ଅବ୍ୟବସ୍ଥାରେ ଚାଲିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅନ୍ତର୍ଗତ ଠେଲକନାଳୀଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ। ସ୍କୁଲର ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଇଛି। ହେଲେ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଛି ତୀବ୍ର ଅସନ୍ତୋଷ। ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗୁରୁବାର ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ୧୯୫୭ ମସିହାରେ ଅଞ୍ଚଳବାସୀ ଏହି ବିଦ୍ୟାଳୟ ସ୍ଥାପନ କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏଠାରେ ପଢ଼ାଯାଉଥିବା ବେଳେ ୬୧ ଜଣ ଛାତ୍ରୀଛାତ୍ର ବର୍ତ୍ତମାନ ସ୍କୁଲରେ ଅଛନ୍ତି। ସରକାରୀ ନିୟମ ଅନୁଯାୟୀ ଏହି ବିଦ୍ୟାଳୟରେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇବା କଥା। କିନ୍ତୁ ଦୀର୍ଘ ବର୍ଷ ହେବ ୨ ଜଣ ଶିକ୍ଷକ ଏଠାରେ କାର୍ଯ୍ୟରତ ଥିଲେ। ହେଲେ କିଛି ଦିନ ତଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅକାଳ ବିୟୋଗ ଘଟିବାରୁ ବର୍ତ୍ତମାନ ଜଣେ ଶିକ୍ଷକରେ ପାଠପଢ଼ା ଚାଲିଛି। ଟ୍ରେନ୍ ଲାଇନ କଡରେ ଏହି ବିଦ୍ୟାଳୟ ଥିବାବେଳେ ମାତ୍ର ଜଣେ ଶିକ୍ଷକ ଥିବାରୁ ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଫଳରେ ଅଭିଭାବକମାନେ ପିଲାଙ୍କୁ ସ୍କୁଲକୁ ଛାଡ଼ିବାକୁ ନିରାପଦ ମଣୁନାହାନ୍ତି। ପୂର୍ବରୁ ଶିକ୍ଷକ ନିଯୁକ୍ତି ପାଇଁ ବହୁବାର ବିଇଓଙ୍କ କାର୍ଯ୍ୟାଳୟ ଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଶିକ୍ଷକ ନିଯୁକ୍ତି କରାଯାଉନାହିଁ। ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମ କମିଟି ସଭାପତି ପବିତ୍ର ମୋହନ ସାହୁ, ସମୀର ପ୍ରଧାନ, ଅଗସ୍ତି ସାହୁ, ଟିଙ୍କିନା ସାହୁ, ବେଞ୍ଜାମିନି ସାହୁ, ମଧୁସୂଦନ ସାହୁ, ସୁରେଶ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଇଓ ଅରୁଣ କୁମାର ସେଠୀ କହିଛନ୍ତି, ଗ୍ରାମବାସୀ ଦାବିପତ୍ର ଦେଇଛନ୍ତି। ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷା ପ୍ରଶାସନକୁ ଅବଗତ କରାଯାଇଛି। ସରକାରଙ୍କ ପକ୍ଷରୁ ନୂତନ ଶିକ୍ଷକ ନିଯୁକ୍ତ କରାଗଲେ ତୁରନ୍ତ ଉକ୍ତ ସ୍କୁଲର ସମସ୍ୟା ସମାଧାନ କରଯିବ।

# ବନ୍ଧୁକ ଦେଖାଇ ୩ ଲକ୍ଷ ଟଙ୍କା ଲୁଟ୍

**ଅନୁଗୋଳ, ୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା କୋଲିୟାରୀ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଅଞ୍ଚଳର ସୁବାସ ଚନ୍ଦ୍ର ବେହେରା ଗୁରୁବାର ଲୁଟ୍‌ର ଶିକାର ହୋଇଛନ୍ତି। ଖଣ୍ଡା ଓ ବନ୍ଧୁକ ଦେଖାଇ ତାଙ୍କ ନିକଟରୁ ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୫୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗରେ ସୁବାସ ଦର୍ଶାଇଛନ୍ତି, ସେ ଏକ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ମୋଟର ସାଇକେଲ (ନଂ ଓଡି ୩୫ ବି ୦୮୮୩)ରେ ଘରକୁ ଫେରୁଥିଲେ। ହାଣ୍ଡଧୁଆ ପେଟ୍ରୋଲ ପମ୍ପ ନିକଟରେ ହୋଇଥିବା ବେଳେ ଏକ ବାଇକ୍‌ରେ ଆସିଥିବା ୨ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ବେକରେ ଖଣ୍ଡା ଓ ବନ୍ଧୁକ ଲଗାଇ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ।

# ମା' ତାରିଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କାମାକ୍ଷାନଗର, ୧୨ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ତୋରଡାନାଳୀଠାରେ ଚାଲିଥିବା ମା' ତାରିଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଝିଲ୍ଲି ସରପଞ୍ଚ ରୋଜାଲିନ ସାହୁ, ପୂର୍ବତନ ସରପଞ୍ଚ ସୁଶାନ୍ତ ସାହୁ, ୫ନଂ ୱାର୍ଡ ସଭ୍ୟା ଯଶୋଦା ରଣା ଓ ନାଏବ ସରପଞ୍ଚ ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ବିରାଶାଳ ଓ ବାରିହାପୁର ମଧ୍ୟରେ ଖେଳା ଯାଇଥିଲା। ବିରାଶାଳ ପ୍ରଥମେ ବ୍ୟାଟିଂ କରି ୧୨୫ ରନ କରିଥିଲା। ଜବାବରେ ବାରିହାପୁର ୧୦୬ ରନ କରି ପରାସ୍ତ ହୋଇଥିଲା। କାହ୍ନୁଚରଣ ସାହୁ, ବିପିନ ସାହୁ, ରଞ୍ଜିତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୌଭାଗ୍ୟ ରଣା, ଲିଙ୍କୁନ ଦାସ ଅମ୍ପେୟାର ଭାବେ ଉପସ୍ଥିତ ଥିଲେ। ସୁଶାନ୍ତ ଦାସ, ରିଙ୍କୁ ଦାସଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# 'ଶିକ୍ଷା ବିନା ବିକାଶ ଅସମ୍ଭବ'


ସମାଧାନ ଶିକ୍ଷା ନିକେତନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଆଠମଲ୍ଲିକ, ୧୨ (ଉଦୀପ୍ତ ପୁରୋହିତ)**

ଶିକ୍ଷା ବିନା ସମାଜର ବିକାଶ ଅସମ୍ଭବ। ତେଣୁ ଛାତ୍ରୀଛାତ୍ରମାନେ ପୁସ୍ତକକୁ ନିଜର ବନ୍ଧୁ କରି ଭବିଷ୍ୟତକୁ ଉଚିତ ମାର୍ଗରେ ଗଢି ତୋଳନ୍ତୁ। ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତରେ ମୈତ୍ରୀବିହାର ସ୍ଥିତ ସମାଧାନ ଶିକ୍ଷା ନିକେତନର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ନିକେତନର ଅଧ୍ୟକ୍ଷ ବିକାଶ ମହାକୁଡ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦେବରାଜ ନାୟକ, ସମ୍ମାନିତ ଅତିଥି ଭାବରେ ତହସିଲଦାର ଶ୍ୟାମସୁନ୍ଦର ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କଅଁର, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଆଇଆଇସି ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବହୁ ଉପଦେଶ ଦେଇଥିଲେ। ପ୍ରତିଷ୍ଠାତା ସଭ୍ୟ ତଥା କମିଟି ସମ୍ପାଦକ ବିନୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରମେଶ ଚନ୍ଦ୍ର ମହାନ୍ତି, ଶିକ୍ଷା ନିକେତନର ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ଗୁରୁଜୀ ନରହରି ପ୍ରଧାନ, ଅରବିନ୍ଦ କ୍ଷେତି, ଗୁରୁମା ପ୍ରଭାସିନୀ ଭୁକ୍ତା, କ୍ରିଷ୍ଣାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ପ୍ରଭାତ ନଳିନୀ କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ଅକାଳ ବିୟୋଗ

**ପରଜଙ୍ଗ, ୧୨ (ନିଗମାନନ୍ଦ ଦଳବେହେରା):** ପରଜଙ୍ଗ ବ୍ଲକ କଙ୍କଡାସୋଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବେନ୍ଦ୍ର ସାହୁ(୫୫)ଙ୍କ ଗୁରୁବାର ଭୋର ସମୟରେ ଅକାଳ ବିୟୋଗ ହୋଇଛି। ସେ କିଛିଦିନ ହେବ ଯକୃତ କର୍କଟ



ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ତାଙ୍କ କଙ୍କଡାସୋଡ଼ାସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ପରଜଙ୍ଗ ବିଧାୟକ ଡ.ନୃସିଂହଚରଣ ସାହୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଝିଅପୁଅ ଉପସ୍ଥିତ ଥିଲେ। ମରଶରୀରକୁ ବାସଭବନଠାରୁ ସ୍କୁଲ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଅନନ୍ତ ଡିଏଭିରେ ବାର୍ଷିକ କ୍ରୀଡ଼ା

**ତାଳଚେର, ୧୨ (ମନୋଜ ନନ୍ଦ)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ (ପର୍ସନାଲ) ବିରଞ୍ଚି ଦାସ ଏବଂ ଏସ୍‌ଓ (ସିଭିଲ) ଏ.ତୀର୍ଥ ମଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବର୍ଷ ତମାମ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅପରାହ୍ନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅନନ୍ୟା ମହିଳା ମଣ୍ଡଳ ସମ୍ପାଦିକା ମନିଷା ସିଂହଙ୍କ ସମେତ ସଦସ୍ୟାଗଣ, ଡିଏଭି ପବ୍ଲିକ ସ୍କୁଲ, ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଏବଂ ଲିଙ୍ଗରାଜ କ୍ଷେତ୍ରର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କ୍ରୀଡ଼ା ଚମ୍ପିୟାନ ମଧୁସୂଦନ ହାଉସକୁ ସିଲ୍ଡ ଓ ଗଙ୍ଗାଧର ହାଉସକୁ ରନର୍ସ ଅପ କପ୍ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ଏବଂ ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଠାରୁ କୃତୀ ଛାତ୍ରୀମାନେ ପୁରସ୍କାର ନେଉଛନ୍ତି।

# ମିଶନଶକ୍ତି କାଫେ ବୁଲିଲେ ଜିଲାପାଳ

**ପାଲଲହଡା, ୧୨ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲାର ଜିଲାପାଳ ଭାବେ ଗୁରୁବାର ଦାୟିତ୍ୱ ନେଇଥିବା ମହମ୍ମଦ ଅବଦଲ ଅଖତାର ଦିନିକିଆ ପାଲଲହଡା ଉପଖଣ୍ଡ ଗସ୍ତରେ ଆସି ସଦରମହକୁମାସ୍ଥିତ ମିଶନ ଶକ୍ତି କାଫେ ବୁଲି ଦେଖିଥିଲେ। ଏହି ମିଶନ ଶକ୍ତି କାଫେରେ ମାଣ୍ଡିଆରେ ପ୍ରସ୍ତୁତ କାକରା ପିଠା ଖାଇଥିଲେ ଏବଂ ମିଶନ ଶକ୍ତି କର୍ମକର୍ତ୍ତା, ଏସ୍‌ଏଚ୍‌ଜି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ମୁକେଶ କୁମାର ପାଲ ଓ ଉପଜିଲାପାଳ ସୁଶାନ୍ତ କୁମାର ପତି ତଥା ଅନ୍ୟ ଅଧିକାରୀମାନଙ୍କ ସହିତ ଉପଖଣ୍ଡର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।


କାଫେ ଦାୟିତ୍ୱ ନେଇଥିବା ମହିଳାଙ୍କ ସହ ଜିଲାପାଳ ମହମ୍ମଦ ଅବଦଲ ଅଖତାର।

# ୯ରୁ ୧୧ ଯାଏ ଭାଜପାର ଗ୍ରାମକୁ ଚାଲ ଅଭିଯାନ



ଜିଲା ଭାଜପା କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ କର୍ମଶାଳାରେ ନେତୃବର୍ଗ।

**ଅନୁଗୋଳ, ୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଗୁରୁବାର ଦଳର ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ଉପସଭାପତି ତଥା ମୁଖପାତ୍ର ଗୋଲଖ ମହାପାତ୍ର ଯୋଗଦେଇ ଅନୁଗୋଳ ଜିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ଓ କଲ୍ୟାଣକାରୀ ଯୋଜନା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକୁ ନେଇ ଆସନ୍ତା ୯ରୁ୧୧ ତାରିଖ ଯାଏ ଗ୍ରାମକୁ ଚାଲ ଅଭିଯାନ କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ୩୧୯ଟି ମଣ୍ଡଳର ସମସ୍ତ ଗ୍ରାମକୁ ଭାଜପା କାର୍ଯ୍ୟକର୍ତ୍ତାମାନେ ଯାଇ ଘର ଘର ବୁଲି ମୋଦି ଗ୍ୟାରେଣ୍ଟିର ତଥ୍ୟ ଦେବା ସହ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ବିଷୟରେ ଅବଗତ କରାଇବେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା ଓ ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା

**କଣିହାଁ, ୧୨ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କୁଲୁମା ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ଜଗମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜରୁ ଅବସର ନେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ଘଣ୍ଟରା ପ୍ରଧାନଙ୍କୁ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ପୂର୍ବତନ ସମ୍ପାଦିକା ଇନ୍ଦିରା ପ୍ରଧାନ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ବସନ୍ତ ପାଣି, ରାସାୟନ ବିଜ୍ଞାନ ଅଧ୍ୟାପକ ହିମାଂଶୁ ଭୂଷଣ ଉଦ୍‌ଗାତା, କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ଇନ୍ଦ୍ରମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅବସର ନେଇଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ପ୍ରତିଭାଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବଇଣ୍ଡା, ୧୨ (ପରିକ୍ଷିତ ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ବିପ୍ଲବ ଆଣିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ୫-ଟି ଉପକ୍ରମରେ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଦୁଇଟି ବର୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସମୁଦାୟ ୧୬ ଟି ବିଭାଗରେ ୭୫୧୯ ଟି ପୁରସ୍କାର ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ପୁରସ୍କାର ବର୍ଗରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ କିଶୋରନଗର ବ୍ଲକ ହିମିତିରା ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇ ଶ୍ରୀତମ ସାହୁ, ଜଏରାଟ ଉଚ୍ଚ ବିଦ୍ୟାଳୟର ଉଦିତ ନାରାୟଣ ରାଉଳ, ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟ (ଲୁହାମୁଣ୍ଡା)ର ଛାତ୍ରୀ ଇପ୍ସିତା ମିଶ୍ରଙ୍କୁ ମେଧାବୀ ସମ୍ମାନରେ ସମ୍ମାନିତ କରାଯାଇଛି। କିଶୋରନଗର ବ୍ଲକରୁ ବ୍ୟକ୍ତିଗତ ପୁରସ୍କାର ବର୍ଗରେ ହୃଷୀକେଶ ଉଚ୍ଚ ବିଦ୍ୟାପୀଠ (ଇଛାପୁର) ସତ୍ୟନାରାୟଣ ବାଗ, ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର (ନାକିଚି) ସୁଧାଂଶୁ ଶେଖର ରଥ, ହିମିତିରା ଉଚ୍ଚ ବିଦ୍ୟାଳୟର କିଶୋର ଚନ୍ଦ୍ର ବିଶ୍ୱାଳ, ମା' ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର (ଲୁହାମୁଣ୍ଡା )ଅରୁଣ ସାହୁ, ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟ( ବାମୁର)ର ଉତ୍କଳ କିଶୋର ସାହୁ, ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାସୁଦେବ ସାହୁଙ୍କୁ ମାଧ୍ୟମିକ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଅନୁଷ୍ଠାନ ବର୍ଗରେ (ମାଧ୍ୟମିକ) ଫୁଲାମ୍ବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଛି, ସଂଜାମୁରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ(ପ୍ରାଥମିକ) ମଧ୍ୟ ପୁରସ୍କୃତ କରାଯାଇଛି। ବଭ୍ରୁବାହାନ ପ୍ରଧାନଙ୍କୁ ଶ୍ରେଷ୍ଠ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭାବେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ପଞ୍ଚାୟତିରାଜ ପାନୀୟ ଜଳ, ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକମାନଙ୍କ ଏଭଳି ସଫଳତାକୁ ନେଇ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।


ପୁରସ୍କାର ଗ୍ରହଣ କରିଥିବା ପ୍ରତିଭାମାନେ।

# ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ, ୧୨ (ଅମିତ କୁମାର ସାମଲ)- ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେବେ। ଫେବୃୟାରୀ ୫ ତାରିଖ ସୋମବାର ପୂର୍ବାହ୍ନ ୧୦ ଘଟିକାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ତାଳଚେର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ୧୨ ତାରିଖରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୯ରେ କଣିହାଁ ବ୍ଲକ କାର୍ଯ୍ୟାଳୟ ଓ ୨୬ରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଜନଶୁଣାଣି ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ମାସ ୪ ତାରିଖ ସୋମବାର ପୂର୍ବାହ୍ନ ୧୦ ଘଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୧୧ରେ ବଅଁରପାଳ ବ୍ଲକ ଓ ୧୮ ରେ କିଶୋରନଗର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି।

# ଉପଖଣ୍ଡ ମେଡିକାଲରେ ଡାଏଲିସିସ୍ କେନ୍ଦ୍ର ଉଦଘାଟିତ


କାମାକ୍ଷାନଗର ଉପଖଣ୍ଡ ମେଡିକାଲ ପରିସରରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

**ପାଲଲହଡା, ୧୨ (ଦିବ୍ୟଜ୍ୟୋତି ଦାଶ)/ କାମାକ୍ଷାନଗର, (ସୁଧୀର ପରିଡ଼ା)**

ଚିକିତ୍ସା କ୍ଷେତ୍ରରେ ଗୁରୁବାର ପାଲଲହଡା ଉପଖଣ୍ଡରେ ଯୋଡ଼ିହୋଇଛି ନୂଆ ଅଧ୍ୟାୟ। ଏଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ନୂଆକରି ନିଃଶୁଳ୍କ ଡାଏଲିସିସ୍ କେନ୍ଦ୍ର ଖୋଲିଥିବା ବେଳେ ଏହାକୁ ଭରଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ନିଃଶୁଳ୍କ ସେବା ଆରମ୍ଭ ହେବା ଦ୍ୱାରା ଉପଖଣ୍ଡବାସୀଙ୍କ ସମେତ ପଡ଼ୋଶୀ ଜିଲା ଦେବଗଡ଼ର ବାରକୋଟ ବ୍ଲକ ଏବଂ କେନ୍ଦୁଝର ଜିଲାର ତେଲକୋଇ ଅଞ୍ଚଳର ସମସ୍ତ କିଡ୍‌ନୀ ରୋଗୀ ଉପକୃତ ହୋଇପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ପାଲଲହଡା ବିଧାୟକ ମୁକେଶ ପାଲ, ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ ଓ ଉପଖଣ୍ଡସ୍ତରର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ ସେବା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଉପଖଣ୍ଡ ଚିକିତ୍ସାଳୟରେ ନିଃଶୁଳ୍କ ଡାଏଲିସିସ ସେବା ଖୋଲିବା ଏକ ସ୍ୱପ୍ନ ଭଳି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଡିଓ ଅବିନାଶ ପାଣ୍ଡିଆ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୋନାଲି ପ୍ରିୟଦର୍ଶିନୀ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ, ଡା ସିଦ୍ଧାର୍ଥ ବେଉରା, ଡା. ମିଥୁନ ମେହେର, ଡା. ରିତେଶ ପଣ୍ଡା, ବରିଷ୍ଠ ଟେକ୍ନିସିଆନ ବିଜୟ ସେନାପତି, ହସ୍ପିଟାଲ ମ୍ୟାନେଜର ରଶ୍ମିପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


ପାଲଲହଡ଼ା ଉପଖଣ୍ଡ ମେଡିକାଲଠାରେ ବିଧାୟକଙ୍କ ସହ ଅନ୍ୟମାନେ।

